## କେନ୍ଦ୍ର ସାହିତ୍ୟ ଅକାଦେମୀ ଓ ଯୁଗଶ୍ରୀ ଯୁଗନାରୀ ପକ୍ଷରୁ ଓଡ଼ିଆ ଲେଖିକା ସମ୍ମେଳନ

# 'ମାନବିକ ମୂଲ୍ୟବୋଧର ଅଧୋଗତି ପ୍ରତି ଲେଖିକା ଅଧିକ ସଚେତନ ହୁଅନ୍ତୁ'



ବାଲେଶ୍ୱର ୨୪।୮ (କିଟି): ମାନବିକ ମୂଲ୍ୟବୋଧର ଅଧୋଗତି ପ୍ରତି ଲେଖିକାମାନେ ଅଧିକ ସଚେତନ ହେବା ଜରୁରୀ। ଲେଖିକାମାନେ ସଚେତନ ହୋଇ ଏ ଦିଗରେ କଲମ ଚାଳନା କଲେ ସମାଜରେ ପରିବର୍ତ୍ତନ ସମ୍ଭବ ହେବ। 'କେନ୍ଦ୍ର ସାହିତ୍ୟ ଅକାଦେମୀ ଓ 'ଯୁଗଶ୍ରୀ ଯୁଗନାରୀ' ମିଳିତ ଆନୁକୂଲ୍ୟରେ ହୋଟେଲ ଫାଣ୍ଟାସି ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଆ ଲେଖିକା ସମ୍ମିଳନୀରେ ଏଭଳି ମତପ୍ରକାଶ ପାଇଛି। ଏହି ଅବସରରେ 'ଲେଖିକାଙ୍କ ସାହିତ୍ୟରେ ନାରୀ ମନସ୍ତତ୍ତ୍ୱ' ଶୀର୍ଷକ ଆଲୋଚନାଚକ୍ରକୁ ସରଳା ପୁରସ୍କାର ବିଜେତା କନକ ଦେବୀ ଉଦ୍‌ଘାଟନ କରିଥିଲେ। କନକ ଦେବୀ ମାନବିକ ମୂଲ୍ୟବୋଧର ଅଧୋଗତି ସମ୍ପର୍କରେ ଲେଖିକାମାନେ ଅଧିକ ସଚେତନ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମୀର ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ସମ୍ମିଳନୀରେ ସଭାପତିତ୍ୱ କରି ୧୮୯୭ ମସିହାରେ ଫକୀରମୋହନଙ୍କ 'ରେବତୀ' ଗଳ୍ପ ନାରୀ ମନସ୍ତତ୍ତ୍ୱର ପ୍ରଥମ ଉଦାହରଣ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟା କବି ବିମଳ ଜେନା ନାରୀ ମନସ୍ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଜୟିନୀ ସିଂହଦେଓ, ସରଳା ଦେବୀ, ଅର୍ଚ୍ଚନା ନାୟକ, କବିତା ବାରିକ, ବାଣୀପାଣି ମହାନ୍ତି, ପ୍ରତିଭା ରାୟ ଓ ମନୋରମା ବିଶ୍ୱାଳ ମହାପାତ୍ର ଆଦି ଲେଖିକାଙ୍କ ସାହିତ୍ୟରେ ନାରୀ ମନସ୍ତତ୍ତ୍ୱର ବିଭିନ୍ନ ରୂପରେ ଉପସ୍ଥିତ ବୋଲି ଉଦାହରଣ ଦେଇଥିଲେ। 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ର ଏହି ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। 'ଯୁଗଶ୍ରୀ ଯୁଗନାରୀ'ର ଅଗଷ୍ଟ-୨୦୨୨ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଷଦର ସହ ସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ଚାରୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଡ. ଶକୁନ୍ତଳା ବଳିଆର ସିଂହ ସଭାପତିତ୍ୱ କରିଥିଲାବେଳେ ଡ. ବିଷ୍ଣୁପ୍ରିୟା ଓତା, ଜେଣା ପଟ୍ଟନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର ପ୍ରବନ୍ଧ ପାଠ କରିଥିଲେ। ଡ. ମୀନାକ୍ଷୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ କବିତା ପାଠ ଅଧିବେଶନରେ ପ୍ରଭା ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ ସୌଦାମିନୀ ସାହୁ, ସୁଚିତ୍ରା ପାଣିଗ୍ରାହୀ ଓ ଶୁଭଶ୍ରୀ ଲେଙ୍କା କବିତା ପାଠ କରିଥିଲେ। ଗୀତାଞ୍ଜଳି ସିଂହ ଧନ୍ୟବାଦ ଦେଇଥିଲେ। ତୃତୀୟ ଅଧିବେଶନରେ କ୍ଷୁଦ୍ରଗଳ୍ପ ପାଠ ସଭାରେ ପୁଷ୍ପାଞ୍ଜଳି ନାୟକ ସଭାପତିତ୍ୱ କରିଥିଲେ। ଦେବିଦତ୍ତା ମିଶ୍ର, ଜୟଶ୍ରୀ ରଥ ଓ ସିନ୍ଧୁ ଜେନ ଗଳ୍ପ ପାଠ କରିଥିଲେ ଓ ସ୍ମୃତି ଦାସ ଧନ୍ୟବାଦ ଦେଇଥିଲେ। ଚତୁର୍ଥ ଅଧିବେଶନରେ କବି ଦୀପ୍ତି ଦାସ ସଭାପତିତ୍ୱ କରିଥିଲାବେଳେ ଅଞ୍ଜଳି ପଣ୍ଡା, ଚିତ୍ରାରେଖା ପାତ୍ର, ମନସ୍ୱିନୀ ଦେବୀ, ପ୍ରୀତିରେଖା ଦାସ କବିତା ପାଠ କରିଥିଲେ। କମଳାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ। ଡ. ଶିତାଂଶୁ ଦାଶ ବେଦପାଠ କରିଥିଲେ। ଅମୃତାଂଶୁ ପଟ୍ଟନାୟକ ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ସାରସ୍ୱତ ସ୍ରଷ୍ଟା ସମ୍ମିଳନୀରେ ସାମିଲ ହୋଇଥିଲେ।

